# Akashvani, Sambalpur

## SAMBALPURI NEWS BULLETIN

### 7 September 2024- 6.47- 6.52 am.

**********************************************

ଗଣେଶ ପୂଜା         ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଗଣେଶ୍ ପୂଜା । ଶ୍ରୀଗଣେଶ୍‌ଙ୍କୁ ବିଦ୍ୟାର ଦେବତା ଆର୍ ଅଗ୍ରପୂଜ୍ୟ ଭାବେ ଧାର୍ମିକ୍ ଉତ୍ସବ୍, ଯଜ୍ଞ ପୂଜା ଆର୍ ଶୁଭ୍ କାମ୍‌ଥି ପହେଲା ପୂଜା କରାଯାଏସି । ଭୁଦୋ ମାସର୍ ଉଜଲ୍‌ପଖର୍ ଚତୁର୍ଥୀ ତିଥି ନୁ ଦେଶର୍ ଭିନ୍ ଭିନ୍ ଜାଗା ନ ୧୧ ଦିନ୍‌ତକ୍ ଗଣେଶପୂଜା ପାଲନ୍ କରାଯାଏସି । ମହାରାଷ୍ଟ୍ର ନ ଗଣେଶ ପୂଜାକେ ସେନର୍ ସବୁନୁ ବଡ଼ ପରବ ଭାବେ ପାଲନ୍ କରାଯାଏସି । ହାଇଦ୍ରାବାଦ୍ ନ ଭିଲ୍ ଆଏଜ୍‌ଠାନୁ ୧୧ ଦିନ୍‌ତକ୍ ପ୍ରଭୁ ବିଘ୍ନନାଶନ୍‌ଙ୍କର୍ ପୂଜା ପାଲନ୍ କରାଯାଏସି । ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଗଣେଶପୂଜାର ଖାସ୍ ମହତ୍ୱ ରହିଛେ । ଗଣେଶ୍ ଚଉଠି ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଜ୍ଞାନ୍ ବିଜ୍ଞାନ୍ ଆର୍ ସମୃଦ୍ଧି ଦଉଥିବା ଭଗବାନ ଗଣେଶ୍‌ଙ୍କର୍ ପର୍ବ ଆମ୍‌କୁ ନମ୍ର ଆର୍ କର୍ତବ୍ୟ

ନିଷ୍ଠ ହେବାର୍‌କେ ଶିଖାସି ବଲି ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି କହିଛନ୍ ।

ସିଲିକନ୍ କାର୍ବାଇଡ୍ ଉତ୍ପାଦନ୍ ୟୁନିଟ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପୁର୍‌ଥିର୍ ପାୱାର୍ ଇଲେକ୍ଟ୍ରୋନିକ୍ସ ବଜାର୍‌ଥି ଭାରତ୍ ଆର୍ ଓଡ଼ିଶାର୍ ଥିତି ମଜ୍‌ବୁତ୍ ହେବାର୍‌କେ ଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଇନ୍‌ଫୋ ଭେଲି ନ ଥିବା ଇଏମ୍‌ସି ପାର୍କଥି ଦେଶର୍ ପହେଲା ସିଲିକନ୍ କାର୍ବାଇଡ୍ ଉତ୍ପାଦନ୍ ୟୁନିଟ୍ ଥାପ୍‌ନାର୍ ଲାଗି ଶିଲାନ୍ୟାସ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟ ସର୍‌କାର୍ ଓଡ଼ିଶାକେ ଭାରତ୍‌ର ଅଗ୍ରଣୀ ସେମି କଣ୍ଡକ୍ଟର୍ ହବ୍ କର୍‌ବାର୍ ଲକ୍ଷ୍ୟ ରଖିଛନ୍ । ସିଲିକନ୍ କାର୍ବାଇଟ୍ ସେମି କଣ୍ଡକ୍ଟର୍‌ର ମୂଳ ଉପାଦାନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଥାପ୍‌ନା ହେବାର୍‌କେ ଥିବାର୍ ସିଲିକନ୍ କାର୍ବାଇଟ୍ ଉତ୍ପାଦନ୍ ୟୁନିଟ୍ ଆଏବା ୩ ବଛ୍‌ରେ ୬ ଶହ ୨୦ କୋଟି ଟଙ୍କାର୍ ପୁଞ୍ଜି ନିବେଶ୍ ସଙ୍ଗେ ୫ ଶହ ନୁ ଅଏତ୍‌କା ନିଯୁକ୍ତିର୍ ସୁଯୋଗ୍ ସୃଷ୍ଟି କର୍‌ବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଅଗ୍ନି - ୪ କ୍ଷେପଣାସ୍ତ୍ର ଆର୍ଏନ୍ୟୁ /ସମ୍ବଲପୁର

ଧାମ୍ରାର୍ ଅବ୍ଦୁଲ୍ କଲାମ୍ ଦ୍ୱୀପନୁ ଗଲାକାଏଲ୍ ରାତି ଆଣବିକ୍ ଶକ୍ତି ଥିବା ଅଗ୍ନି - ୪ କ୍ଷେପଣାସ୍ତ୍ରର୍ ପରୀକ୍ଷଣ୍ କରାଯାଇଛେ । ସାଢ଼େ ୩ ହଜାର୍‌ନୁ ୪ ହଜାର୍ କିଲୋମିଟର୍‌ତକ୍ ଲକ୍ଷ୍ୟ ଭେଦି ପାରୁଥିବା ଇ କ୍ଷେପଣାସ୍ତ୍ରର୍ ପରୀକ୍ଷଣ୍ ସଫଲ୍ ହେଇଛେ ବଲି ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍-ଡିଆର୍‌ଡିଓ ତର୍‌ଫୁ କୁହାଯାଇଛେ ।

ସୁଭଦ୍ରା ସଚେତନତା ରଥ ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ମହାତ୍ମାଗାନ୍ଧୀ ମାର୍ଗ ନ ଆଏଜ୍ ସଖାଲର୍ ସାଢ଼େ ୯ ବଜେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ଉପସ୍ଥିତ୍ ରହେବେ । ସେନ୍ତା ସମ୍ବଲ୍‌ପୁର୍ ନ ଦିନର୍ ୧୧ ବଜେ କଲେକ୍ଟୋରେଟ୍ ନୁ ସଭଦ୍ରା ରଥର ଶୁଭାରମ୍ଭ କରାଯିବା । ବର୍‌ଗଡ଼୍ ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା

ମନ୍ତ୍ରୀ ସୁରେଶ୍ ପୂଜାରୀ ସୁଭଦ୍ରା ରଥର ଶୁଭାରମ୍ଭ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଇ ବଛର୍ ଗାନ୍ଧୀ ଜୟନ୍ତୀ ଅବ୍‌ସରେ ଆଏବା ୧୭ ତାରିଖ୍‌ନୁ ଅକ୍ଟୋବର ୧ ତାରିଖ୍‌ତକ୍ ରାଏଜେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ୍ କରାଯିବା । 'ସ୍ୱଭାବ ସ୍ୱଚ୍ଛତା - ସଂସ୍କାର ସ୍ୱଚ୍ଛତା' ଇ ବଛ୍‌ରର୍ ବିଷୟ ରହିଛେ । ହେଥିର୍‌ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ୍ ଅବ୍‌ସରେ ସର୍ବସାଧାରଣ ଜାଗା ନ ମଏଲା ର ସଫେଇ ସହେତେ ଅଭିଯାନ୍‌ଥି ଲୁକେ ଯେନ୍ତା ସାମିଲ୍ ହେବେ ତାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ସିବିଜି ପ୍ଲାଂଟ୍ ଥାପ୍‌ନା          ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍, କଟକ୍, ସମ୍ବଲ୍‌ପୁର୍, ବୌଦ୍ଧ- ସୋନ୍‌ପୁର୍ କ୍ଲଷ୍ଟର୍, ବ୍ରହ୍ମପୁର୍, ରାଉର୍‌କେଲା ଆର୍ ପୁରୀ-କୋଣାର୍କ କ୍ଲଷ୍ଟର୍

ଇଲାକା ନ କମ୍ପ୍ରେସ୍ଡ୍ ବାୟୋଗେସ୍- ସିବିଜି ପ୍ଲାଂଟ୍ ଥାପ୍ନାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ରାଜ୍ୟର୍ ଗୃହ ନିର୍ମାଣ୍ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଗଲାକାଏଲ୍ ବିଧାନ୍ସଭା ନ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ର ଖର୍ଚ୍ଚ ଦାବି ଉପସ୍ଥାପନ୍ ଅବ୍ସରେ ସେ କହିଛନ୍ ଯେ, ଅଲ୍ଇଣ୍ଡିଆ ଲିମିଟେଡ୍ ତର୍ଫୁ ଥାପ୍ନା ହେବାର୍କେ ଥିବାର୍ ହେ ପ୍ଲାଂଟ୍ ମାନ୍କୁ ଉଦା କଚ୍ଡ଼ା ପ୍ରକ୍ରିୟାକରଣ୍ କରାଯିବା । ମନ୍ତ୍ରୀ ଶ୍ରୀ ମହାପାତ୍ର ଆହୁରି କହିଛନ୍ ଯେ, ସର୍କାର୍ ଝାର୍ସୁଗୁଡ଼ା ସହେତେ ରାଜ୍ୟର୍ ୮ ଟା ସହରେ ମୋ ବସ୍ ସେବା ମୁଲ୍ କର୍ବାର୍ ଲକ୍ଷ୍ୟ ରଖିଛନ୍ । ରାଜ୍ୟର୍ ସହର୍ ଇଲାକା ନ ରହୁଥିବା ଲୋକ୍ମାନ୍କର୍ ଲାଗି ୫ ଲାଖ୍ ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା ଘର୍ ମଞ୍ଜୁର୍ ଲାଗି ମୁଖ୍ୟମନ୍ତ୍ରୀ - କେନ୍ଦ୍ର ସର୍କାର୍ଙ୍କୁ ଚିଠି ଲେଖିଛନ୍ ବଲି ମନ୍ତ୍ରୀ ଡାକ୍ତର୍ ମହାପାତ୍ର କହିଛନ୍ ।

ବିଶ୍ୱ ଦକ୍ଷତା ପ୍ରତିଯୋଗିତା-ଫ୍ରାନ୍ସ ଆର୍ଏନ୍ୟୁ /ସମ୍ବଲପୁର

ଫ୍ରାନ୍ସର ଲିଓନ୍ ଠାନେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାଥି ଭାଗ୍ ନେବାର୍କେ ଯାଉଥିବା ସ୍କିଲ୍ଡ୍ ଇନ୍ ଓଡ଼ିଶାର୍

ପ୍ରତିଯୋଗୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଭାସୀ ଜରିଏ ପ୍ରତିଯୋଗୀମାନ୍‌କର୍ ସାଙ୍ଗେ କଥା ହେଇକରି ସେମାନ୍‌କର୍ ସଫଲତା ବିକଶିତ୍ ଓଡ଼ିଶାକେ ଦେଖାବା ବଲି କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବିଶ୍ୱ ଦକ୍ଷତା ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ଯାଉଥିବା ଭାରତ୍‌ର ୬୦ ଝନ୍ ପ୍ରତିଯୋଗୀଙ୍କର୍ ଭିତ୍‌ରେ ଓଡ଼ିଶାର୍ ୧୫ ଝନ୍ ଅଛନ୍ ।

ରାଜ୍ୟସ୍ତରୀୟ ବେଙ୍କର୍ସ କମିଟି ବୈଠକ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ବେଙ୍କ୍ ମାନ୍‌କର୍ ପ୍ରଦର୍ଶନ୍‌କେ ଶହେ ୭୫ ଆଉ ଶହେ ୭୬ ନମ୍ବର୍ ରାଜ୍ୟସ୍ତରୀୟ ବେଙ୍କର୍ସ କମିଟି ବୈଠକ୍‌ଥି ପ୍ରଶଂସା କରାଯାଇଛେ । ଗଲାକାଏଲ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆର୍ ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଚଲ୍‌ତି ଆର୍ଥିକ୍ ବଛ୍‌ରେ ୨ ଶହ ୧୦ ହଜାର୍ ୫ ଶହ ୪୬ କୋଟି ଟଙ୍କାର୍ ବଛର୍‌କିଆ କ୍ରେଡ଼ିଟ୍ ପ୍ଲାନ୍ ହାସଲ୍‌ର ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛେ । ସେତାର୍‌ସଙ୍ଗେ ଆଏବା ୨୦୩୬ ମସିହାଥି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍‌ର ଶହେ ବଛର୍ ପୁରା

ହେବାର୍‌କେ ଯାଉଥିବାର୍ ବେଲେ ହେତାର୍ ଆଘୋ ଓଡ଼ିଶାକେ ଅଗ୍ରଣୀ ଆର୍ଥିକ୍ ଶକ୍ତି ବନାବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍‌ଙ୍କର୍ ଯୋଜ୍‌ନା ମାନ୍‌କର୍ ସଫଲ୍ ରୂପାୟନ୍‌ଥି ବେଙ୍କ୍ ମାନେ ଭୂମିକା ରଖ୍‌ବେ ବଲି ବୈଠକ୍‌ଥି କୁହାଯାଇଛେ ।

ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ମାର୍ଟ ଇଣ୍ଡିଆ ହାକାଥନ୍ - ଏସ୍‌ଆଇଏଚ୍ -୨୦୨୪ ଲାଗି ବୁର୍ଲା ଭିସୁଟ୍ ନ ଇଂଟର୍‌ନାଲ୍ ହାକାଥନ୍ ହେଇଯାଇଛେ । ହେଥି ଭିସୁଟ୍‌ର ୯୦ ଟା ଦଲ୍ ଭାଗ୍ ନେଇକରି ନିଜର୍ ନିଜର୍ ପ୍ରକଳ୍ପ ଦେଖେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ଆଏବା ୧୦ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବନିହାଁନ୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।